# Akashvani, Sambalpur

## SAMBALPURI NEWS EVENING BULLETIN

## 19 August 2026-7.02- 7.12 pm.

---

୧- ରାଏଜେ ୯ ହଜାର୍ ୪ ଶହ ୫୦ କୋଟି ଟଙ୍କାର୍ ୪ ଟା ରେଲ୍ ପ୍ରକଳ୍ପକେ କେନ୍ଦ୍ର କେବିନେଟ୍‌ର ମଞ୍ଜୁରୀ ।

୨- ରାଏଜେ ଏସ୍‌ଆଇଆର୍ ପ୍ରକ୍ରିୟା ପୁହୁଁଚିଛେ ଶେଷ୍ ଖେପେ ।

- ସେପ୍ଟେମ୍ବର୍ ୨୧ତାରିଖ୍ ବାହାର୍‌ବା ଚୂଡ଼ାନ୍ତ ଭୋଟର୍ ତାଲିକା ।

୩- ରାଜସ୍ୱ ଅଭିଯୋଗ୍‌ର ସମାଧାନ୍ ଲାଗି 'ଆମ ସାଥୀ ହ୍ୱାଟ୍‌ସ୍‌ଆପ୍ ଚାଟ୍‌ବଟ୍'ର ହେଲା ଶୁଭାରମ୍ଭ ।

ଆଉର୍

୪- ଅବପାତ୍‌ର ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ହେଇପାରେ ଜବର୍ ବର୍ଷା ।

କେନ୍ଦ୍ର କେବିନେଟ୍ ବୈଠକ          ଏନ୍‌ଏସ୍‌ଡି/ପି.ଆଇ.ବି

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ହେଇଥିବା କେନ୍ଦ୍ର କେବିନେଟ୍ ବୈଠକ୍ ନ ଦେଶର୍ ଭିତିଭୂମିକେ ମଜ୍‌ବୁତ୍ କର୍‌ବାର୍ ଲାଗି ୧୩ ହଜାର୍ ୪୧ କୋଟି ଟଙ୍କାର୍ ୫ ଟା ପ୍ରକଳ୍ପକେ ମଞ୍ଜୁରୀ ମିଲିଛେ । ଇଥି ୪ ଟା ରେଲ୍ ଆଉ ଗୁଟେ ଜାତୀୟ ରାଜ୍‌ପଥ୍ ପ୍ରକଳ୍ପ ସାମିଲ୍ ଅଛେ । ବୈଠକ୍ ଉତ୍‌ରୁ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍,

(ଭଏସ୍ ଓଭର୍- ଅଶ୍ୱିନୀ ବୈଷ୍ଣବ୍)

ପାଖାପାଖି ୯ ହଜାର୍ ୪ ଶହ ୫୦ କୋଟି ଟଙ୍କା ଖର୍ଚ୍ଚାଥି ହେବାର୍‌କେ ଥିବା ଇ ପ୍ରକଳ୍ପ ଜରିଏ ରେଲ୍ ନେଟ୍‌ୱାର୍କଥି ୪ ଶହ ୧୦ କିଲୋମିଟର୍ ଜୁଡ଼ା ହେବା । ଆଉ ଇ ପ୍ରକଳ୍ପ କାମ୍ ୨୦୩୦ - ୩୧ ମସିହାତକ୍ ଶେଷ୍ ହେବା ବଲି ଶ୍ରୀ ବୈଷ୍ଣବ୍ ସୂଚ୍‌ନା ଦେଇଛନ୍ ।

ଇ ପ୍ରକଳ୍ପ ମାନ୍‌କର୍ ଜରିଏ ଲାଖ୍ ଲାଖ୍ ଲୋକ୍ ଲାଭ ପାଏବେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଓଡ଼ିଶା, ଆନ୍ଧ୍ରପ୍ରଦେଶ୍, ତାମିଲ୍‌ନାଡୁ ଆଉ ପଶ୍ଚିମବଙ୍ଗ୍ ଲୁକେ ଇଥିର୍ ଲାଗି

ଉପକୃତ୍ ହେବେ । ପ୍ରକଳ୍ପ ଜରିଏ ରେଲ୍ ସଂଯୋଗୀକରଣ୍‌କେ ବହୁତ୍ ବଡ଼୍ ପ୍ରୋତ୍ସାହନ୍ ମିଲ୍‌ବା ବଲି ଶ୍ରୀ ମୋଦୀ କହିଛନ୍ ।

ଓଡ଼ିଶା ନ ବହୁତ୍‌ଟେ ରେଲ୍‌ପ୍ରକଳ୍ପ ମଞ୍ଜୁରୀ ଦେଇଥିବାର୍‌ନୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ- ପ୍ରଧାନ୍‌ମନ୍ତ୍ରୀ ଆଉ ରେଲ୍‌ମନ୍ତ୍ରୀଙ୍କୁ ଧନ୍ୟବାଦ୍ ଜନେଇଛନ୍ ।

ଏସ୍‌ଆଇଆର୍        ଆଇ.ଆଣ୍ଡ୍.ପି.ଆର୍

ରାଏଜେ ଭୋଟର୍ ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ୍ -୨୦୨୬ ପ୍ରକ୍ରିୟା ଶେଷ୍ ଖେପେ ପୁହୁଁଚିଛେ । ଦାବି ଆଉ ଆପତି ଦାଖଲ୍‌ର ଶେଷ୍ ତାରିଖ୍ ଆଏଜ୍ ଶେଷ୍ ହେଇଛେ । ଆଏବା ସେପ୍ଟେମ୍ବର୍ ୧୭ ତାରିଖ୍‌ତକ୍ ନୋଟିସ୍ ପର୍ଯ୍ୟାୟ ଆଉ ସବୁ ଦାବି ଆପତିର୍ ଫଏସଲା କରାଯିବା । ସେନ୍ତା ସେପ୍ଟେମ୍ବର୍ ୨୧ ତାରିଖ୍ ଚୂଡ଼ାନ୍ତ ଭୋଟର୍ ତାଲିକା ବାହାର୍‌ବା । ଏବ୍‌ତକ୍ ୫୮ ଲାଖ୍ ୩୬ ହଜାର୍ ୪ ଶହ ୩୦ ଝନ୍ ଭୋଟର୍‌ମାନ୍‌କୁ ଭିଲ୍ ନୋଟିସ୍ ଜାରି କରାଯାଇଥିବାର୍ ବେଲେ ସେଥିର୍‌ଭିତ୍‌ରୁ ୫୪ ଲାଖ୍ ୨୧ ହଜାର୍ ୮ ଶହ ୭୨ ଝନ୍ ଭୋଟର୍‌ଙ୍କର୍ ନାଁ

ଭୋଟର୍ ତାଲିକାଥି ବଜାୟ ରଖାଯାଇଛେ । ଏବ୍ତକ୍ ରାଏଜେ ୩ କୋଟି ୯ ଲାଖ୍ ୭୧ ହଜାର୍ ୯ ଶହ ୪୧ ଝନ୍ ଭୋଟର୍ ଚିହ୍ନଟ୍ ହେଇଛନ୍ । ମୁଖ୍ୟ ନିର୍ବାଚନ୍ ଅଧିକାରୀ ଆର୍.ଏସ୍. ଗୋପାଲନ୍ କହିଛନ୍, କେନ୍ସି ଭିଲ୍ ଯୋଗ୍ୟ ନାଗରିକ୍ ତାଲିକାନୁ ବାଦ୍ ନାଇଁ ପଡୁନ୍ ଆଉ କେନ୍ସି ଅଯୋଗ୍ୟ ନାଁ ତାଲିକାଥି ନାଇଁ ରହୁ, ସେଥିର୍ଲାଗି ନଜର୍ ରଖ୍ବାର୍କେ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ । ଶିକ୍ଷାନୁଷ୍ଠାନ୍ ମାନ୍କେ ନିର୍ବାଚନୀ ସାକ୍ଷରତା କ୍ଲବ୍ ଜରିଏ ଭୋଟର୍ ମାନ୍କୁ ସଚେତନ୍ କରାଯାଉଛେ ।

ଅଭିଯୋଗ୍ ଶୁଣାଣି ଆଇ ଆଣ୍ଡ୍ ପି.ଆର୍

ଭୁବ୍ନେଶ୍ୱର୍ ନ ଆଏବା ୨୪ ତାରିଖ୍ ଦିନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ହେବା । ୟୁନିଟ୍-୨ ଅଶୋକ୍ ନଗର୍ ଆଘର୍ ସର୍କାରୀ ପ୍ରାଥମିକ୍ ବିଦ୍ୟାଳୟ ନ ସଖାଲର୍ ୮ ବଜୁ ଶୁଣାଣି ମୁଲ୍ ହେବା । ଇଥିର୍ଲାଗି ଆଏଜ୍ ଦିନର୍ ୧୧ ବଜେନୁ ଅନ୍ଲାଇନ୍ ପଞ୍ଜିକରଣ୍ ମୁଲ୍ ହେଇଛେ ।

ଆଗ୍ରହୀ ଲୁକେ ଜନଶୁଣାଣି ପୋର୍ଟାଲ୍ କି ଜନଶୁଣାଣି ମୋବାଇଲ୍ ଆପ୍ ଜରିଏ ମୁଖ୍ୟମନ୍ତ୍ରୀଙ୍କୁ ଭେଟ୍‌ବାର୍ ଲାଗି ପଞ୍ଜିକରଣ୍ କରିପାର୍‌ବେ ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପ୍ରଶିକ୍ଷଣ ଶିବିର୍ ଆର୍‌ଏନ୍‌ୟୁ/ କଟକ୍

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭୁବ୍‌ନେଶ୍ୱର୍ ଠାନେ ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ ହେଇଥିବା ରାଜ୍ୟସ୍ତରୀୟ ପ୍ରଶିକ୍ଷଣ୍ ଶିବିର୍‌ଥି ଯୋଗ୍ ଦେଇଛନ୍ । ଘରୋଇ ହିଂସାନୁ ମହିଲାମାନ୍‌କୁ ସୁରକ୍ଷା ଅଧିନିୟମ୍ ୨୦୦୫ ଆଉ ଯୌତୁକ୍ ନିଷେଧ ଅଧିନିୟମ୍ ୧୯୬୧ ବାବ୍‌ଦେ ଶିବିର୍‌ଥି ଆଲୋଚନା କରାଯାଇଛେ । ମହିଲାମାନ୍‌କର୍ ଅଧିକାର୍, ସୁରକ୍ଷା ଆଉ ନ୍ୟାୟ ଲାଗି ଥିବା ଆଇନ୍‌ଗତ ବ୍ୟବସ୍ଥା ବାବ୍‌ଦେ ତୃଣମୂଲ୍‌ସ୍ତର୍ ନ ସଚେତନ୍ କର୍‌ବାର୍‌ଟା ଇ କାର୍ଯ୍ୟକ୍ରମ୍‌ର ମୁଲ୍ ଉଦ୍ଦେଶ୍ୟ ଆଏ । ଗୁଟେ ସୁରକ୍ଷିତ୍, ସମ୍ମାନ୍‌ଜନକ୍ ଆଉ ସଶକ୍ତ

ସମାଜ୍ ଗଠନ୍ ଦିଗେ ଏନ୍ତା ପ୍ରୟାସ୍ ନିଶ୍ଚିତ୍ ଭାବେ ଜରୁରୀ ଆଏ ବଲି ଶ୍ରୀମତୀ ପରିଡ଼ା କହିଛନ୍ ।

ଆମ ସାଥୀ ଏକ୍ସ

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଆଏଜ୍ 'ଆମ ସାଥୀ ହ୍ୱାଟ୍ସ୍ଆପ୍ ଚାଟ୍ବଟ୍' ଜରିଏ ରାଜସ୍ୱ ଅଭିଯୋଗ୍ ସମାଧାନ୍ ବ୍ୟବସ୍ଥାର୍ ଶୁଭାରମ୍ଭ କରିଛନ୍ । ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ନ ହେଇଥିବା କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇକରି ଶ୍ରୀ ପୂଜାରୀ କହିଛନ୍, ରାଜସ୍ୱ ବିଭାଗ୍ର ୧୬ ଟା ସେବା ଇଥି ରହିଛେ । ଆଏବା ଦିନେ ଆଉ ୨ ଟା ସେବାକେ ଇଥି ସାମିଲ୍ କରାଯିବା । କିସମ୍ ପରିବର୍ତନ୍, ବିହା ପଞ୍ଜିକରଣ୍, ମ୍ୟୁଟେସନ୍,ଜାତି, ଆୟ, ଆବାସିକ୍ ପ୍ରମାଣ୍ପତ୍ର ଇ ଆପ୍ଥି ମିଲିପାର୍ବା । ବିପର୍ଯ୍ୟୟ ବେଲ୍କେ ଭିଲ୍ ସାଧାରଣ୍ ଲୁକେ ଘରେ ରହିକରି ବିଭାଗ୍ର ଭିନ୍ ଭିନ୍ ସେବା ପାଇପାର୍ବେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ବିରଜା ଶଙ୍କର୍ ମିଶ୍ର        ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଶା ମାନବାଧିକାର୍ ଆୟୋଗ୍‌ର ସଦସ୍ୟ ଭାବେ ବିରଜା ଶଙ୍କର୍ ମିଶ୍ର ଆଏଜ୍ ଦାୟିତ୍ୱ ନେଇଛନ୍ । ଭୁବ୍‌ନେଶ୍ୱର୍ ତୋଷାଳି ଭବନ୍ ନ ଥିବା ମାନବାଧିକାର୍ ଆୟୋଗ୍‌ର କାର୍ଯ୍ୟାଳୟ ନ ଅଧିକାରୀମାନେ ତାଙ୍କୁ ସ୍ୱାଗତ୍ କରିଛନ୍ । ଆଘୋନୁ ଓଡ଼ିଶା ମାନବାଧିକାର୍ ଆୟୋଗ୍‌ଥି ଅଧ୍ୟକ୍ଷ ଆଉ ୫ନେ ସଦସ୍ୟ ଥିବାର୍ ବେଲେ ଶ୍ରୀ ମିଶ୍ର ଯୋଗ୍ ଦେବାର୍ ଉତ୍‌ରୁ କମିଶନ୍‌ର ସବୁ ପଦ୍‌ବୀ ପୁରା ହେଇଛେ ।

ବିଶ୍ୱ ଫଟୋଗ୍ରାଫି ଦିବସ୍        ଆର୍‌ଏନ୍‌ୟୁ ସମ୍ବଲପୁର୍

ଜୀବନ୍‌ଥି ଫଟୁର୍ ମହତ୍ୱ ଆଉ ଫଟୋଗ୍ରାଫର୍ ମାନ୍‌କର୍ କଳାକେ ସମ୍ମାନ୍ ଜନାବାର୍ ଲାଗି ଫି’ ବଛର୍ ଆଝିର୍ ଦିନ୍‌କେ ବିଶ୍ୱ ଫଟୋଗ୍ରାଫି ଦିବସ୍ ଭାବେ ପାଲନ୍ କରାଯାଉଛେ । ଇ ଅବ୍‌ସରେ ଆଏଜ୍ ସାରା ପୁର୍‌ଥି ନ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ । ଇ ଦିଗେ କାମ୍ କରୁଥିବା

ଲୁକ୍‌କୁ ସମ୍ମାନ୍ ଜନାବାର୍ ଲାଗି ୧୮୩୯ ମସିହା ଅଗଷ୍ଟ ମାସ ୧୯ ତାରିଖ୍ ଦିନ ବିଶ୍ୱ ଫଟୋଗ୍ରାଫି ଦିବସ୍ ପାଲନ୍ କର୍‌ବାର୍‌କେ ଫ୍ରାନ୍ସ ସର୍‌କାର୍ ଘୋଷ୍‌ନା କରିଥିଲେ । ଫ୍ରାନ୍ସ ବୈଜ୍ଞାନିକ ଯୋଶେଫ୍ ଆର୍ ଲୁଇସ୍ ଫଟୋଗ୍ରାଫି ମୁଲ୍ କରିଥିବାର୍ ତାଙ୍କର୍ ଅବଦାନ୍‌କେ ସୁର୍‌ତା କରିକରି ଫ୍ରାନ୍ସ ସର୍‌କାର୍ ଇ ଘୋଷ୍‌ନା କରିଥିଲେ । ଫ୍ରାନ୍ସର ଘୋଷ୍‌ନା ଅନ୍‌ସାରେ ଫି ବଛର୍ ଆଝିର୍‌ର୍ ଦିନ୍‌କେ ବିଶ୍ୱ ଫଟୋଗ୍ରାଫି ଦିବସ୍ ଭାବେ ପାଲନ୍ କରାଯାଉଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଉ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଇ ଦିବସ୍ ଅବ୍‌ସରେ ଶୁଭେଚ୍ଛା ଜନେଇଛନ୍ ।

ବିଶ୍ୱ ମାନବିକତା ଦିବସ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ଯୁଦ୍ଧ ଆଉ ସଂଘର୍ଷ ଥିତି ଭିତ୍‌ରେ ଜୀବନ୍ କାଟୁଥିବା ଲୁକ୍‌କର୍ ଦୁର୍ଦ୍ଦଶା ବାବ୍‌ଦେ ସଚେତନ୍‌ତା ସୃଷ୍ଟି କର୍‌ବାର୍ ଲାଗି ପାଲନ୍ କରାଯାଉଛେ ଆଏଜ୍ ବିଶ୍ୱ ମାନବିକତା ଦିବସ୍ । ମାନବ୍ ସେବାଥି ଜୀବନ୍ ସମର୍ପି ଦେଇଥିବା ଆଉ ଜୀବନ୍

ହରେଇଥିବା ଲୁକ୍‌କୁ ସମ୍ମାନ୍ ଆଉ ସମର୍ଥନ୍ ଦେବାର୍ ଉଦ୍ଦେଶ୍ୟରେ ଭିଲ୍ ଇ ଦିବସ୍ ପାଲନ୍ କରାଯାଉଛେ । ସାରା ପୁର୍‌ଥି ନ କୋଟି କୋଟି ଲୋକ୍ ଇହାଦେ ଯୁଦ୍ଧ ଆଉ ପ୍ରାକୃତିକ୍ ବିପର୍ଯ୍ୟୟ ବାଗିର୍ ସଂକଟ୍ ଭିତ୍‌ରେ ଜୀବନ୍ କାଟୁଛନ୍ । ସେମାନ୍‌କୁ ମାନବୀୟ ସହାୟତା ଦେବାର୍ ଲାଗି ୨୦୦୮ ମସିହା ବେଲ୍‌କେ ଜାତିସଂଘ ସାଧାରଣ୍ ସଭା ଜରିଏ ବିଶ୍ୱ ମାନବିକତା ଦିବସ୍ ପାଲନ୍ ଲାଗି ନିଷ୍ପତି ନିଆଯାଇଥିଲା ।

## ଅଧ୍ୟକ୍ଷ ଶିବାଜୀ ମାଝୀ-ପରଲୋକ

କଳାହାଣ୍ଡି ସମ୍ବାଦଦାତା

ଲାଞ୍ଜିଗଡ୍‌ର ଆଘର୍ ବିଧାୟକ୍ ଆଉ ଅନୁସୂଚିତ ଜାତି, ଜନଜାତି ପରିଷଦ୍‌ର ଇହାଦେର୍ ଅଧ୍ୟକ୍ଷ ଶିବାଜୀ ମାଝୀଙ୍କର୍ ଆଏଜ୍ ୫୫ ବଛର୍ ବୟେସେ ପରଲୋକ୍ ହେଇଛେ । ୨୦୦୯ ନୁ ୨୦୧୪ ମସିହାତକ୍ ସେ ଲାଞ୍ଜିଗଡ୍‌ର ବିଧାୟକ୍ ଥିଲେ । ଲାଞ୍ଜିଗଡ୍ ଆଉ ଥୁଆମୁଲ୍ ରାମ୍‌ପୁର୍‌ର ଆଦିବାସୀ ବହୁଳ ଦୁର୍ଗମ୍ ଇଲାକାର୍ ବିକାଶ୍ ଲାଗି ସେ ବହୁତ୍ କାମ୍ କରିଥିଲେ । କଳାହାଣ୍ଡି ଜିଲ୍ଲା ନ ସ୍ୱତନ୍ତ୍ର ଅନୁସୂଚିତ ଜାତି ଆଉ ଜନଜାତି

ପରିଷଦ୍ ଗଠନ୍ ହେବାର୍ ଉତ୍ରୁ ସେ ତାର୍ ପହେଲା ଅଧ୍ୟକ୍ଷ ଭାବେ ଦାୟିତ୍ୱ ନେଇଥିଲେ । ତାଙ୍କର୍ ପରଲୋକ୍ଥି ଭିନ୍ ଭିନ୍ ମହଲ୍ନୁ ଶୋକପ୍ରକାଶ୍ ପାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କର୍ ପରଲୋକ୍ଥି ଦୁଖ ପ୍ରକାଶ୍ କର୍ବାର୍ ସହେତେ ପରିବାର୍ ଲୁକ୍କୁ ସମବେଦନା ଜନେଇଛନ୍ ।

ପ୍ରଶିକ୍ଷଣ୍ ଶିବିର ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଆଇନ୍ସେବା ପ୍ରାଧିକରଣ୍ ଆଉ ତାଲୁକ୍ ଆଇନ୍ସେବା ସମିତି, ଖରିଆର୍, ସିନାପାଲି ଆଉ ବୋଡ଼େନ୍ର ସବୁ ପେନେଲ୍ ଓକିଲ୍ ମାନ୍କର୍ ଦକ୍ଷତା ବୃଦ୍ଧି ଲାଗି ବିକଳ୍ପ ସମାଧାନ୍ କେନ୍ଦ୍ର ସଭାଗୃହ ନ ଗୁଟେ ପ୍ରଶିକ୍ଷଣ୍ ଶିବିର୍ ଆୟୋଜିତ୍ ହେଇଯାଇଛେ । ଜିଲ୍ଲା ଜଜ୍ ଆଉ ଜିଲ୍ଲା ଆଇନ୍ସେବା ପ୍ରାଧିକରଣ୍ର ଅଧ୍ୟକ୍ଷେ ସମର ବିଲାସ୍ ବେହେରା ଶିବିର୍କେ ଉଦ୍ଘାଟନ୍ କରିଥିଲେ । ଶିବିର୍ଥି ମହିଳାମାନ୍କର୍ ଭରଣ୍ପୋଷଣ୍ ଆଇନ୍, ଘରୋଇ ହିଂସା ଆଇନ୍ ଆଉ ସମ୍ପତି ଅଧିକାର୍ ବାବ୍ଦେ ପ୍ରଶିକ୍ଷଣ୍ ଦିଆଯାଇଥିଲା ।

ସଚେତନତା ରଥ ଶୁଭାରମ୍ଭ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ନ ଚାଷୀ ପଞ୍ଜିକରଣ୍ ସଚେତନତା ରଥର୍ ଶୁଭାରମ୍ଭ କରାଯାଇଛେ । ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଇଟାର୍ ଶୁଭାରମ୍ଭ କରିଛନ୍ । ଜିଲ୍ଲା ନ ଖରିଫ୍ ଧାନ୍ ଘିନା ଲାଗି ଚାଷୀ ପଞ୍ଜିକରଣ୍ ମୁଲ୍ ହେଇଥିବାର୍ ବେଲେ ସେମାନ୍‌କର୍ ନାଁ ପଞ୍ଜିକରଣ୍ କର୍‌ବାର୍ ଲାଗି ଇ ସଚେତନତା କାର୍ଯ୍ୟକ୍ରମ୍ ମୁଲ୍ କରାଯାଇଛେ । ରଥ ଜିଲ୍ଲାର୍ ଭିନ୍ ଭିନ୍ ଗାଁ ବୁଲିକରି ଚାଷୀମାନ୍‌କର୍ ଭିତ୍‌ରେ ଖରିଫ୍ ସମିଆଥି ଧାନ୍ ଫସଲ୍‌ର ପଞ୍ଜିକରଣ୍ କରାବାର୍ ବାବ୍‌ଦେ ସଚେତନ୍ କରାବା ।

ବନ୍ୟା-ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ଝାର୍‌ଖଣ୍ଡ୍ ଆଉ ତାକେ ଲାଗି କରିଥିବା ଉତରଗାଙ୍ଗେୟ ପଶ୍ଚିମବଙ୍ଗ୍ ଉପତ୍ୟକା ଇଲାକା ନ ଅବପାତ୍ ସକ୍ରିୟ ରହିଛେ ।

ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ କେତେଟା ଜାଗା ନ ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ ।

ସେଆଡ଼େ ବର୍ଷା ଲାଗି ଉତର୍ ସମୁଦ୍ର ଖଁଡ଼ି ଓଡ଼ିଶା ନ ଭିନ୍ ଭିନ୍ ନଦୀ ଥି ବଏଢ଼୍ ଥିତି ଦେଖାଦେଇଛେ । ଇଥିର୍‌ଲାଗି ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର ଆଉ କେନ୍ଦ୍ରାପଡ଼ା ଜିଲ୍ଲା ନ ପାଖାପାଖି ୧ ହଜାର୍ ୩ ଶହ ୮୦ ନୁ ଅଏତ୍‌କା ଗାଁର୍ ୯ ଲାଖ୍ ୪୦ ହଜାର୍ ଲୋକ୍ ପ୍ରଭାବିତ୍ ହେଇଥିବାର୍ ସର୍‌କାରୀ ସୂତ୍ରନୁ ଜନାପଡ଼ିଛେ । ବର୍ଷାକେ ନଜର୍‌ଥି ରଖିକରି ଆଏଜ୍ ଭଦ୍ରକ୍ ଆଉ ଯାଜ୍‌ପୁର୍ ଜିଲ୍ଲାର୍ କେତେଟା ଜାଗା ନ ସ୍କୁଲ୍ କଲେଜ୍ ଆଉ ଅଙ୍ଗନବାଡ଼ି କେନ୍ଦ୍ର ମାନ୍‌କୁ ବନ୍ଦ ରଖାଯାଇଥିଲା ।

ଲଗାଏତ୍ ବର୍ଷା ଲାଗି ହେଇଥିବା ବଏଢ଼୍ ସ୍ଥିତିକେ ନେଇକରି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍,

(ଭଏସ୍ ଓଭର୍- ସୁରେଶ୍ ପୂଜାରୀ)